# 5th India-Malaysia Foreign Office Consultations (FOC)

April 12, 2022

## ଭାରତ-ମାଲେସିଆ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି)

**ଏପ୍ରିଲ 12, 2022**

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଶ୍ରୀ ସୌରଭ କୁମାର ଏବଂ ମାଲେସିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ଦ୍ୱିପାକ୍ଷିକ ବ୍ୟାପାର ବିଭାଗର ଉପ ମହାସଚିବ ମାନ୍ୟବର ଡାଟୋ ଅମ୍ରାନ୍ ବିନ୍ ମହମ୍ମଦ ଜିନ୍ ଭାରତ ଏବଂ ମାଲେସିଆ ମଧ୍ୟରେ 12 ଏପ୍ରିଲ 2022 ରେ ମାଲେସିଆର ପୁତ୍ରଜୟଠାରେ ଅନୁଷ୍ଠିତ ପଞ୍ଚମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଦ୍ୱିପାକ୍ଷିକ ବିଚାର ବିମର୍ଷ) ର ସହ-ଅଧ୍ୟକ୍ଷତା କରିଥିଲେ।

2. ଏହି ଗସ୍ତ ସମୟରେ ସଚିବ (ପୂର୍ବ) ମାଲେସିଆର ବୈଦେଶିକ ମନ୍ତ୍ରୀ ମାନ୍ୟବର ଡାଟୋ ଶ୍ରୀ ସୈଫୁଦ୍ଦିନ ଅବଦୁଲ୍ଲାଙ୍କୁ ମଧ୍ୟ ସାକ୍ଷାତ କରିଥିଲେ ଏବଂ ଭାରତ-ମାଲେସିଆ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ମତ ବିନିମୟ କରିଥିଲେ।

3. ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ସମୟରେ ଭାରତ ଏବଂ ମାଲେସିଆ ମଧ୍ୟରେ ଥିବା ବହୁମୁଖୀ ସମ୍ପର୍କକୁ ସମୀକ୍ଷା କରି ଉଭୟ ପକ୍ଷ 2015 ର ବର୍ଦ୍ଧିତ ରଣନୀତିକ ଭାଗିଦାରୀ ଫ୍ରେମୱର୍କରେ ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ଦ୍ିପାକ୍ଷିକ ସମ୍ପର୍କର ସମସ୍ତ ଦିଗର ସମୀକ୍ଷା କରିବା ଏବଂ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବା ପାଇଁ ଏହି ବିଚାର ବିମର୍ଷ ସୁଯୋଗ ପ୍ରଦାନ କରିଥିଲା।

4. ବୃଦ୍ଧି ପାଉଥିବା ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କ ଉପରେ ଉଭୟ ପକ୍ଷ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଆହୁରି ଜୋରଦାର କରିବା ପାଇଁ ଉଭୟ ପକ୍ଷର ସହଭାଗୀ ପ୍ରତିବଦ୍ଧତାକୁ ଧ୍ୟାନରେ ରଖି କୋଭିଡ ପରବର୍ତ୍ତୀ ସମୟରେ ସମ୍ପର୍କର ଶୀଘ୍ର ପୁନରୁଦ୍ଧାର ପାଇଁ ଆଶା ପ୍ରକାଶ କରିଥିଲେ।

5. ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ମେକାନିଜିମକୁ ପୁନଃସକ୍ରିୟ କରିବା ଏବଂ ପାରସ୍ପରିକ ସୁବିଧାଜନକ ଦିନରେ ହେବାକୁ ଥିବା ପରବର୍ତ୍ତୀ ମନ୍ତ୍ରୀସ୍ତରୀୟ ମିଳିତ ଆୟୋଗ ବୈଠକରେ ଫଳାଫଳ ଉପସ୍ଥାପନ କରିବା ପାଇଁ ଦୁଇ ପକ୍ଷ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

6. ଚଳିତ ବର୍ଷ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର 65 ବର୍ଷ ପୂରଣ ହୋଇଥିବାରୁ ଉଭୟ ପକ୍ଷ ଉଭୟ ଭାରତ ଏବଂ ମାଲେସିଆରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସହମତ ହୋଇଥିଲେ।

7. ଉଭୟ ପକ୍ଷ ପରବର୍ତ୍ତୀ ଏଫଓସିକୁ ନୂଆଦିଲ୍ଲୀରେ ପାରସ୍ପରିକ ସୁବିଧାଜନକ ଦିନରେ ଆୟୋଜନ କରିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଏପ୍ରିଲ 12, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.